ଧରିତ୍ରୀ
DHARITRI
ରବିବାର, ଅଗଷ୍ଟ ୯, ୨୦୨୦

## ଜୈବିକ ଉଦ୍ୟୋଗ ଉଦ୍‌ଘାଟିତ

ଖଇରପୁଟ,(ଡି.ଏନ.ଏ.)–ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ମାଧ୍ୟମ ଫାଉଣ୍ଡେଶନ ଓ ୱାରସନ ପକ୍ଷରୁ ଶୁକ୍ରବାର ମହିଳା ଚାଷୀଙ୍କ ଦ୍ୱାରା ପରିଚାଳିତ ମହିଳା ସମବାୟ ସମିତିର ମା'ଦାମଲଦେଈ ଜୈବିକ ଉଦ୍ୟୋଗ ଉଦ୍‌ଘାଟିତ ହୋଇଯାଇଛି। କୈଳାସ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ ସହକାରୀ କୃଷି ଅଧିକାରୀ କିଶୋର ଚନ୍ଦ୍ର ଦ୍ୱିବେଦୀ, ମାଧ୍ୟମ ଅନୁଷ୍ଠାନର ସୌଭାଗ୍ୟ କୁମାର ମିଶ୍ର, ୱାରସନର ଆଞ୍ଚଳିକ ସଂଯୋଜକ ପ୍ରକାଶ ଚନ୍ଦ୍ର ମାଲିକ,ସଂଯୁକ୍ତା ନାୟକ, ମଞ୍ଜୁଳା ରାଜୁ, ବ୍ଲକ ସଂଯୋଜକ ସନ୍ତୋଷ ଜେନା, ନାରୀ ଶକ୍ତିର ସଭାପତି ରଶ୍ମିତା ଚାଲାଣ ଉପସ୍ଥିତ ଥିଲେ। ଏହା ଦ୍ୱାରା ବ୍ଲକର ୭ଟି ପଞ୍ଚାୟତର ଲୋକେ ଉପକୃତ ହେବେ।



# ବିଲ୍ଟ ପେପର ମିଲ୍‌ର ପଲ୍ପ ଭବନ ଭୁଶୁଡ଼ିଲା

ଜୟପୁର, ୮।୮(ଡି.ଏନ.ଏ./ନି.ପ୍ର. )–

ଜୟପୁର ନିକଟସ୍ଥ ଗାଗାନାପୁରସ୍ଥିତ ବିଲ୍ଟ କାଗଜକଳରୁ ଗତ ୧୬ ମାସ ହେଲା ଉତ୍ପାଦନ ବନ୍ଦ ରହିଛି । ରକ୍ଷଣାବେକ୍ଷଣ ଅଭାବରୁ ଶୁକ୍ରବାର ରାତିରେ ଏହାର ପଲ୍ପ ସଫେଇ ଭବନର ପ୍ରାୟ ୨ହଜାର ବର୍ଗଫୁଟର ସିମେଣ୍ଟ କଂକ୍ରିଟ ଛାତ ଭୁଶୁଡି ପଡିଛି । ଫଳରେ କାଗଜକଳ ପୁଣି କାର୍ଯ୍ୟକ୍ଷମ ହେବା ନେଇ କର୍ମଚାରୀ ଏବଂ ଶ୍ରମିକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ସୁରକ୍ଷା ଓ ରକ୍ଷଣାବେକ୍ଷଣ ଅଭାବ ଏବଂ ଲଗାତର ବର୍ଷା ଯୋଗୁ ପଲ୍ପ ସଫେଇ ଭବନର ୨ହଜାର ବର୍ଗ ଫୁଟ ଛାତ ଭୁଶୁଡିଛି । ପିଲର ଏବଂ ବିମ୍‌ଗୁଡିକ ଦୁର୍ବଳ ହୋଇପଡିବାରୁ ଏହା ଭାଙ୍ଗିପଡିଥିବା କର୍ମଚାରୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଆସନ୍ତା ସପ୍ତାହରେ


ଭୁଶୁଡ଼ିପଡ଼ିଥିବା ଭବନ।

କାରଖାନା ଭବନଗୁଡିକର ସୁରକ୍ଷା ମାନ ଯାଞ୍ଚ ଲାଗି ଏକ ବୈଷୟିକ ଦଳ ଏଠାରେ ପହଞ୍ଚିବେ । ସୂଚନାଯୋଗ୍ୟ, ୨୦୧୯ ଏପ୍ରିଲ ୧୩ରୁ ବିଲ୍ଟ କାଗଜକଳରୁ ଉତ୍ପାଦନ ବନ୍ଦ ରହିଛି। ସେବେଠାରୁ କର୍ମଚାରୀଙ୍କୁ ଦରମା ମିଳିନାହିଁ । ମାତ୍ର କର୍ମଚାରୀ ଏବଂ ଶ୍ରମିକମାନେ କାରଖାନାରେ ଡ୍ୟୁଟି ଅନୁଯାୟୀ ଉପସ୍ଥିତ ରହୁଥିଲେ। ମାତ୍ର କର୍ତ୍ତୃପକ୍ଷ ଉତ୍ପାଦନ ବନ୍ଦଥିବାରୁ କର୍ମଚାରୀ ଓ ଶ୍ରମିକଙ୍କ ପ୍ରବେଶ ଉପରେ କଟକଣା ଲଗାଇଥିଲେ। କରୋନା ଯୋଗୁ ବିଶ୍ୱ ଏବଂ ଦେଶର ବଜାର ଅବସ୍ଥା ମାନ୍ଦା ଥିବା ବେଳେ ବିଲ୍ଟ କାଗଜକଳ ପୁନଃ କାର୍ଯ୍ୟକ୍ଷମ ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି ।

- ସୁରକ୍ଷା, ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ନାହିଁ
- ମାନ ଯାଞ୍ଚ ଲାଗି ଆସିବେ ବୈଷୟିକ ଦଳ
- ୨୦୧୯ ଏପ୍ରିଲ ୧୩ରୁ ବନ୍ଦ ଅଛି ଉତ୍ପାଦନ

## ସଂକ୍ଷେପରେ

### ଅଲ୍ ଇଣ୍ଡିଆ ଷ୍ଟାଣ୍ଡିଂ କମିଟିରେ ଡାକ୍ତର ରତିକାନ୍ତ

କୋରାପୁଟ,୮।୮(ସ୍ୱ.ପ୍ର.)- ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ନେଇ ଗଠିତ ଅଲ ଇଣ୍ଡିଆ ଷ୍ଟାଣ୍ଡିଂ କମିଟିରେ କୋରାପୁଟର ଡାକ୍ତର ରତିକାନ୍ତ ଖଟୁଆ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଇଣ୍ଡିଆନ ମେଡିକାଲ ଆସୋସିଏଶନର କେନ୍ଦ୍ରୀୟ କାଉନସିଲ ପକ୍ଷରୁ କୋଲକାତାଠାରେ ଆୟୋଜିତ ଏକ ବୈଠକର ନିଷ୍ପତ୍ତିକ୍ରମେ ଆଇଏମ୍‌ଏର ସଭାପତି ଡାକ୍ତର ରଞ୍ଜନ ଶର୍ମା ରତିକାନ୍ତଙ୍କୁ ମନୋନୀତ କରାଯାଇଥିବା ସୂଚନା ଦେଇଛନ୍ତି। ଏହି ଷ୍ଟାଣ୍ଡିଂ କମିଟିରେ ଓଡ଼ିଶାର ୨ ଜଣ ଡାକ୍ତର ରହିଛନ୍ତି। ମହେଶ ପ୍ରସାଦ ମହନ୍ତ କେନ୍ଦୁଝର ଜିଲାରୁ ଥିବା ବେଳେ କୋରାପୁଟ ଜିଲାରୁ ରତିକାନ୍ତ ରହିଛନ୍ତି।

### ରେଭେନ୍ୟୁ କଲୋନି, ବଜାର ସିଲ୍

ଖଇରପୁଟ,୮।୮(ଡି.ଏନ.ଏ.)- ମାଲକାନଗିରି ଜିଲା ଖଇରପୁଟ ରେଭେନ୍ୟୁ କଲୋନି ଓ ବଜାର ଅଞ୍ଚଳକୁ ଶନିବାର କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇ ସିଲ୍ କରାଯାଇଛି। ଉକ୍ତ ଅଞ୍ଚଳରୁ ଯେପରି ଲୋକେ ବାହାରକୁ ଆସିପାରିବେନି ଏବଂ ବାହାର ଅଞ୍ଚଳ ଲୋକେ ଯେପରି ଉକ୍ତ ଅଞ୍ଚଳରେ ପ୍ରବେଶ କରିପାରିବେନି ସେଥିପ୍ରତି ପ୍ରଶାସନ ଦୃଷ୍ଟି ରଖିଛି। ରେଭେନ୍ୟୁ ବିଭାଗର ଜଣେ କର୍ମଚାରୀଙ୍କ କରୋନା ପଜିଟିଭ ବାହାରିଥିବାରୁ ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିବା ବିଡିଓ ହୃଦାନନ୍ଦ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଗୋବିନ୍ଦପାଲି ବଜାରକୁ ମଧ ଏପରି ଘୋଷଣା କରାଯାଇ ସିଲ୍ କରାଯାଇଛି। ତେବେ ଉଭୟ ଖଇରପୁଟ ଓ ଗୋବିନ୍ଦପାଲି ରାସ୍ତାରେ ଗାଡିମୋଟର ଚଳାଚଳ ଜାରି ରହିଛି।

### ମହିଳାଙ୍କ ଆତ୍ମହତ୍ୟା

ପଡିଆ/ଏମ୍‌ଭି ୭୯,୮।୮(ଡି.ଏନ.ଏ.)- ପଡ଼ିଆ ବ୍ଲକ ମାଟେରୁ ପଞ୍ଚାୟତ ନିଲିଗୁଡା ଗ୍ରାମରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ପଦିଏ ମାଡକାମି (୫୦)। ପରିବାର ଲୋକେ କାମ କରିବାକୁ ଚାଷଜମିକୁ ଯାଇଥିବା ବେଳେ ପଦିଏ ଘର ଚାଳରେ ଲାଗିଥିବା କାଠରେ ଗାମୁଛା ବାନ୍ଧି ଲଗାଇ ଆତ୍ମହତ୍ୟା କରି ଦେଇଥିଲେ। ଦ୍ୱିପ୍ରହରରେ ପରିବାର ଲୋକେ ଘରକୁ ଫେରି ପଦିଏ ଆତ୍ମହତ୍ୟା କରିଥିବା ଦେଖି ପଡିଆ ଥାନାକୁ ଖବର ଦେଇଥିଲେ। ପୋଲିସ କେସ୍ ନଂ. ୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝି କହିଛନ୍ତି। ପଦିଏ ଗତ କିଛି ବର୍ଷ ହେଲା ମାନସିକ ରୋଗରେ ଆକ୍ରାନ୍ତ ହୋଇଥିଲେ। ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ଖୋଲିବ ପ୍ରୋଜେକ୍ଟ ସନ୍ଦେଶ ସେଲ୍

କୋରାପୁଟ,୮।୮(ସ୍ୱ.ପ୍ର.)-କୋରାପୁଟ ଜିଲାରେ କରୋନା ରୋଗୀ ଏବଂ ତାଙ୍କ ପରିବାରକୁ ସହାୟତା ଦେବାକୁ ଜିଲା ସଦର ମହକୁମାରେ ପ୍ରୋଜେକ୍ଟ ସନ୍ଦେଶ ସେଲ୍ ଖୋଲାଯିବ ବୋଲି ଜିଲାପାଳ ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ମଧ ଏକ ହେଲ୍‌ପ ଡେସ୍କ ଖୋଲାଯିବ। ଏହା ମାଧମରେ ଲୋକେ କରୋନାର ନମୁନା ପରୀକ୍ଷଣ ଫଳାଫଳ ଓ ରୋଗୀଙ୍କ ସୁବିଧା,ଅସୁବିଧା ସମ୍ପର୍କରେ ଅଭିଯୋଗ କରିପାରିବେ। ପ୍ରଶାସନ ଏହି ଅଭିଯୋଗର ସମାଧାନ କରିବ। ଏଥିପାଇଁ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ବିଭିନ୍ନ ଟିମ୍ କରାଯାଇଛି। ସେମାନେ ବିଭିନ୍ନ କୋଭିଡ୍ ସ୍ୱାବ୍ ସେଣ୍ଟର, ବିଭିନ୍ନ ସିଏଚ୍‌ସି, ପରିଦର୍ଶନ କରି ଜିଲାପାଳଙ୍କୁ ରିପୋର୍ଟ କରିବେ।

### ବିଶ୍ୱ ସଂସ୍କୃତ ଦିବସ ପାଳିତ

ଦାମନଯୋଡି,୮।୮(ଡି.ଏନ.ଏ.)- କୋରାପୁଟ ଜିଲା ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ୱେବିନାର ମାଧମରେ ଗୁରୁବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ମନୋଜ କୁମାର ବେହେରାଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କାର୍ଯ୍ୟକାରୀ ସଭାପତି ଡ. ଗୌତମ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ସଂସ୍କୃତ ଭାଷାକୁ ସମସ୍ତ ଭାଷାର ଆତ୍ମା ରୂପେ ତୁଳନା କରିଥିଲେ। ଭୁବନେଶ୍ୱର ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ସଂସ୍କୃତ ବିଭାଗ ମୁଖ୍ୟ ଡ. ପବିତ୍ର କୁମାର ରଥ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସଂସ୍କୃତ ଭାଷାର ସମୃଦ୍ଧି ଓ ସୁରକ୍ଷା ଉପରେ ମତ ରଖିଥିଲେ। ଅନ୍ୟତମ ଅତିଥି ରୂପେ ଡ. କୁମାର ଚନ୍ଦ୍ର ମିଶ୍ର ଯୋଗଦେଇ ସଂସ୍କୃତ ଭାଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସଞ୍ଜୟ କୁମାର ମଲ୍ଲିକ, ସରୋଜ କୁମାର ପଣ୍ଡା,ନମିତା ସାମଲ, ମନୋଜ କୁମାର ମିଶ୍ର ଉପସ୍ଥିତ ଥିଲେ। ନରାୟଣ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ନନ୍ଦ ବିବରଣୀ ପାଠ କରିଥିଲେ।

## ମାଲକାନଗିରି: ଆକ୍ରାନ୍ତ ସଂଖ୍ୟା ୮ଶହ ଟପିଲା

ମାଲକାନଗିରି,୮।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଶନିବାର ୨୭ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୧୬, ମାଥିଲି ବ୍ଲକରୁ ୨, କୋରୁକୋଣ୍ଡା ବ୍ଲକରୁ ୨, କାଲିମେଳା ବ୍ଲକରୁ ଜଣେ ଓ ମାଲକାନଗିରି ବ୍ଲକରୁ ୬ଜଣ ରହିଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୩୬ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଶୁକ୍ରବାର ୩୬ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏଥିରୁ ମାଲକାନଗିରି ପୌର ପରିଷଦର ୧୭ ଜଣ, ଚିତ୍ରକୋଣ୍ଡା ବ୍ଲକର ୨, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୪, ମାଥିଲି ବ୍ଲକର ୩, ଖଇରପୁଟ ବ୍ଲକର ୨, କୋରୁକୋଣ୍ଡା ବ୍ଲକର ୬, ମାଲକାନଗିରି ବ୍ଲକ ଅଞ୍ଚଳର ୨ଜଣ ରହିଥିଲେ। ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହା ଜିଲା ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି। ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଥିଲେ ମଧ କେତେଜଣ ଅମାନିଆଙ୍କ ପାଇଁ ସ୍ଥିତିକୁ ଆୟତ୍ତକୁ ଅଣାଯାଇପାରୁନାହିଁ।

## ମାଓବାଦୀ ସନ୍ଦେହରେ ଜଣେ ଗିରଫ

ମାଲକାନଗିରି,୮।୮ (ଡି.ଏନ୍.ଏ.)

**ମିଲିସିଆ ଭାବେ କାର୍ଯ୍ୟ କରୁଥିଲେ**

ମାଲକାନଗିରି ଜିଲା ମୁଦୁଲିପଡ଼ା ଥାନା ପୋଲିସ ଜଣଙ୍କୁ ମାଓବାଦୀ ସନ୍ଦେହରେ ଗିରଫ କରିଛି। ତାଙ୍କ ନାମ ସମରା ବଜ। ଘର ବଜଗୁଡା ଗ୍ରାମରେ। ସେ ମାଓବାଦୀଙ୍କ ନିକଟରେ ମିଲିସିଆ ଭାବେ କାର୍ଯ୍ୟ କରୁଥିବା ତଦନ୍ତରୁ ଜଣାପଡିଛି। ସୋମବାର ସମରା ଏବଂ ତାଙ୍କ ସହ ଆଉ ୨ଜଣ ଖଇରପୁଟ ବ୍ୟାଙ୍କ କାମରେ ଆସିଥିଲେ। ବ୍ୟାଙ୍କ କାମ ଶେଷ ନ ହେବାରୁ ତାଙ୍କର ସମ୍ପର୍କୀୟଙ୍କ ଘରେ ଏହି ୩ ଜଣ ରହିଥିଲେ। ସେହିଦିନ ରାତିରେ ମୁଦୁଲିପଡା ପୋଲିସ ପହଞ୍ଚି ସମ୍ପର୍କୀୟଙ୍କ ଘରୁ ଏହି ତିନିଜଣଙ୍କୁ ଉଠାଇ ନେଇଥିଲା। ପରେ ଥାନାରେ ୩ଦିନ ରଖି ପଚରାଉଚୁରା କରି ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଶୁକ୍ରବାର ଛାଡିଦେଇଥିଲା। ଏହି ଦୁଇଜଣ ନିଜ ଗ୍ରାମକୁ ଯାଇ ସମସ୍ତ ଘଟଣା କହିଲା ପରେ ଗ୍ରାମବାସୀ ମୁଦୁଲିପଡା ଥାନାକୁ ଘେରାଉ କରି ସମରାଙ୍କୁ ଛାଡିବା ପାଇଁ ଦାବି କରିଥିଲେ। ପରେ ସମରାଙ୍କୁ ପୋଲିସ ପଚରାଉଚରା କରି ସେ ଜଣେ ମାଓବାଦୀଙ୍କ ପାଇଁ ମିଲିସିଆ ରୂପେ କାର୍ଯ୍ୟ କରୁଥିଲେ। ୨୦୧୯ରେ ଘଟିଥିବା ବିସ୍ଫୋରଣ ଘଟଣାରେ ଜଡିତ ଥିବା ଜାଣି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ମଞ୍ଜୁର ପଦବୀ ଅନୁସାରେ ନାହାନ୍ତି ଡାକ୍ତର

ଜୟପୁର, ୮।୮(ଡି.ଏନ.ଏ )

କୋରାପୁଟ ଜିଲାର ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ଡାକ୍ତରଙ୍କ ଅଭାବ ଦେଖାଦେଇଛି । ଜିଲା ଚିକିତ୍ସାଳୟ ପାଇଁ ୮୩ଜଣ ବିଶେଷଜ୍ଞ ଏବଂ ଡାକ୍ତର ପଦବୀ ରହିଛି । ଅଥଚ ୨୯ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି । ସେଥିମଧ୍ୟରୁ ପ୍ରାୟ ୧୦ ଜଣ ଡାକ୍ତର ଛୁଟି, ଡେପୁଟିଶେନ ଓ ପି.ଜି. କରିବା ପାଇଁ ଚାଲିଯାଇଛନ୍ତି । ଫଳରେ ମାତ୍ର ୧୯ଜଣ ଡାକ୍ତର ଜିଲା ଚିକିତ୍ସାଳୟରେ କାର୍ଯ୍ୟରତ ଅଛନ୍ତି । ଅଧିକାଂଶ ବିଶେଷଜ୍ଞ ପଦବୀ ଖାଲି ପଡିଛି। ଫଳରେ ଜିଲାରେ ସ୍ୱାସ୍ଥ୍ୟସେବା ଏକପ୍ରକାର ଅବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ହେଉଛି । ସେହିପରି ଉପଖଣ୍ଡ ଚିକିତ୍ସାଳୟରେ ୨୨ଟି ପଦବୀରୁ ୭ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି । ସେମାନଙ୍କ ମଧ୍ୟରୁ ଜଣେ ଡାକ୍ତର କୋରାପୁଟ ମେଡିକାଲ କଲେଜକୁ ଡେପୁଟେଶନରେ ଯାଇଛନ୍ତି। ପୂର୍ବରୁ ଦୈନିକ ୪ଶହରୁ ଊର୍ଦ୍ଧ୍ୱ ରୋଗୀ ଜିଲା ଚିକିତ୍ସାଳୟର ଆଉଟଡୋରକୁ ଆସୁଥିଲେ । ଏବେ କରୋନା ସଂକ୍ରମଣ ଯୋଗୁ ଜିଲା ଓ ଉପଖଣ୍ଡ ଚିକିତ୍ସାଳୟକୁ ୨୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି । ସେହିପରି ଜିଲା ଓ ଉପଖଣ୍ଡ ଚିକିତ୍ସାଳୟର ଦୁଇଜଣ ବରିଷ୍ଠ ଡାକ୍ତରଙ୍କୁ କୋଭିଡ ଚିକିତ୍ସାଳୟ ଏବଂ କେୟାର ସେଣ୍ଟର ଦାୟିତ୍ୱରେ ରଖାଯାଇଛି। କୋଭିଡ ଚିକିତ୍ସାଳୟକୁ ୨ଜଣ ଡାକ୍ତର ପର୍ଯ୍ୟାୟକ୍ରମେ ଆସି ସ୍ୱାସ୍ଥ୍ୟସେବା ଯୋଗାଇବାକୁ କୁହାଯାଇଛି। ଫଳରେ ଏବେ ଜିଲା ଓ ଉପଖଣ୍ଡ ଚିକିତ୍ସାଳୟର ରୋଗୀଙ୍କ ଚିକିତ୍ସା ମାତ୍ର ୨୦ଜଣ ଡାକ୍ତରଙ୍କୁ ନେଇ ଚାଲିଛି। ଜିଲାରେ ସ୍ୱାସ୍ଥ୍ୟସେବାରେ ଏପରି ଅବ୍ୟବସ୍ଥା ନେଇ ଜୟପୁରର ସାମାଜିକ କର୍ମୀ ବସନ୍ତ ପାତ୍ରତଥ୍ୟସହ ଏନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି।


ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଗ୍ରାମର ସଞ୍ଜୟ କୁମାର ପରିଡା ଗ୍ରାମର ବିଦ୍ୟାଳୟ ପାଚେରିରେ ମାସ୍କ ବ୍ୟବହାର ଲାଗି ସଚେତନତା ବାର୍ତ୍ତା ଦେଇ ଆଙ୍କିଥିବା ଚିତ୍ର।

## କୋରାପୁଟ ଜିଲାରେ ୪୯ ପଜିଟିଭ

କୋରାପୁଟ/କୁନ୍ଦୁରା,୮।୮(ସ୍ୱ.ପ୍ର./ଡିଏନ୍.ଏ.)

କୋରାପୁଟ ଜିଲାରେ ଶନିବାର ୪୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୬ କରୋନା ଯୋଦ୍ଧା ରହିଛନ୍ତି। ଚିହ୍ନଟଙ୍କ ମଧ୍ୟରେ ଜଣେ ଟିଏମ୍‌ସିରୁ ଚିହ୍ନଟ ହୋଇଥିବାବେଳେ ୪୭ ଜଣ ଘରୋଇ କ୍ୱାରାଣ୍ଟାଇନରୁ ଓ ଜଣେ ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍‌ରେ ଚିକିତ୍ସାଧୀନ ବେଳେ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ୨୦ ମହିଳା, ୨୯ ପୁରୁଷ ରହିଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି। ଏମାନଙ୍କ ଟ୍ରାଭେଲ ହିଷ୍ଟ୍ରି ରହିଛି। ୪ ଆନ୍ଧ୍ର ଫେରନ୍ତା , ଜଣେ ରାଜସ୍ଥାନ ଫେରନ୍ତା ଓ ଜଣେ ଭୁବନେଶ୍ୱର ଫେରନ୍ତା ରହିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଚିହ୍ନଟଙ୍କ ମଧ୍ୟରେ ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ୨୩, ବନ୍ଧୁଗାଁ ବ୍ଲକରୁ ୮, ଜୟପୁର ବ୍ଲକରୁ ୨, ବୋରିଗୁମ୍ମା ବ୍ଲକରୁ ଜଣେ, କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରୁ ୫, ସୁନାବେଡ଼ା ମ୍ୟୁନିସିପାଲିଟି ଅଞ୍ଚଳରୁ ଜଣେ, କୋରାପୁଟ ବ୍ଲକରୁ ୩, କୋଟପାଡ ବ୍ଲକରୁ ୩, ଲକ୍ଷ୍ମୀପୁର ବ୍ଲକରୁ ଜଣେ, ପଟ୍ଟାଙ୍ଗୀ ବ୍ଲକରୁ ଜଣେ, କୁନ୍ଦୁରା ବ୍ଲକରୁ ଜଣେ ଚିହ୍ନଟ ହୋଇଛନ୍ତି।

## ଘାଟି କାଟି ରାସ୍ତା ତିଆରି କଲେ ଗ୍ରାମବାସୀ


ଗ୍ରାମବାସୀ ରାସ୍ତା ତିଆରି କରୁଛନ୍ତି ।

ଦଶମନ୍ତପୁର,୮।୮ ( ଡି.ଏନ.ଏ. )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ଫୁଣ୍ଡାଗୁଡ଼ା ଗ୍ରାମରେ ରହିଛି ରାସ୍ତା ସମସ୍ୟା। ୩୨ ପରିବାର ବାସ କରୁଥିବା ଏହି ଗ୍ରାମରେ ଯାତାୟାତ ପାଇଁ ରାସ୍ତା ନାହିଁ। ରାସ୍ତା ନିର୍ମାଣରେ ବାଧକ ସାଜିଛି ପୁଡ଼ନଦୀ ଓ ଯୋଡ଼ି ନଦୀ। ନଦୀ ପାର ଲାଗି ସେମାନେ ପ୍ରତିବର୍ଷ ବାଉଁଶ ପୋଲ ନିର୍ମାଣ କରି ଯାତାୟାତ କରୁଥିଲେ ମଧ ବର୍ଷାଦିନେ ନଦୀରେ ପାଣି ଆସିଲେ ତାହା ଭାସିଯାଏ। ନଦୀ ଉପରେ ପୋଲ ନିର୍ମାଣ କରି ରାସ୍ତା କରିବାକୁ ଅନେକ ଥର ଗ୍ରାମବାସୀ ବ୍ଲକ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କିଛି ସୁଫଳ ମିଳିନି। ଫଳରେ ଫୁଣ୍ଡାଗୁଡ଼ା ଗ୍ରାମବାସୀ ଶନିବାର ମରିଚଗୁଡ଼ା ଗ୍ରାମରୁ ଫୁଣ୍ଡାଗୁଡ଼ା ନଦୀ ପର୍ଯ୍ୟନ୍ତ ପ୍ରାୟ ଏକ କି.ମି. ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏ ଶ୍ରମଦାନ କରି ଘାଟି ହାଣି ସମତଳ ରାସ୍ତା ନିର୍ମାଣ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ ଯେ, ଏନେଇ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜିଲା ପ୍ରଶାସନ ଯାହା ନିଷ୍ପତ୍ତି ନେବେ ତାହା କାର୍ଯ୍ୟକାରୀ ହେବ।

## ଅର୍ଥ ନାହିଁ, ଚିକିତ୍ସା ପାଇଁ ଯାଇପାରୁନାହାନ୍ତି ଯମୁନା

କୋରୁକୋଣ୍ଡା, ୮।୮(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିର ୧୦ ନଂ. ୱାର୍ଡରେ ଜଣେ ମହିଳା ଅର୍ଥ ଅଭାବ ଯୋଗୁ ଚିକିତ୍ସିତ ହୋଇପାରୁନାହାନ୍ତି। ସେ ହେଉଛନ୍ତି ମାଣ୍ଡିସାହିର ମଙ୍ଗଳା ନାଗ ଙ୍କ ସ୍ତ୍ରୀ ଯମୁନା ନାଗ(୨୮)। ୧ ମାସ ତଳେ ଯମୁନା ଘରେ ରୋଷେଇ କରିବା ସମୟରେ ହଠାତ୍ ତାଙ୍କ ହାତରୁ ଗରମ ପାଣିହାଣ୍ଡି ଖସିପଡିବାରୁ ତାଙ୍କ ବାମଗୋଡ଼ ସମ୍ପୂର୍ଣ୍ଣ ପୋଡିଯାଇଥିଲା। ପରିବାର ଲୋକେ ତାଙ୍କୁ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବା ଦେଖି ଡାକ୍ତର ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଯମୁନାଙ୍କ ଚିକିତ୍ସା ହୋଇଥିଲେ ମଧ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନ ଥିଲା। ଫଳରେ ଡାକ୍ତର ତାଙ୍କୁ ଘରକୁ ପଠାଇଦେଇଥିଲେ। ଯମୁନା ଘରେ କଷ୍ଟ ଭୋଗୁଛନ୍ତି। ପାଖରେ ଅର୍ଥ ନ ଥିବାରୁ ସେ ଅନ୍ୟ କେଉଁ ମେଡିକାଲକୁ ଚିକିତ୍ସା ପାଇଁ ଯାଇପାରୁନାହାନ୍ତି। ଜିଲା ପ୍ରଶାସନ ତାଙ୍କୁ ସହାୟତା ଦେବାକୁ ଦାବି ହେଉଛି।

## ଜାତୀୟ ଶିକ୍ଷାନୀତି ଉପରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

କୋରାପୁଟ,୮।୮ (ସ୍ୱ.ପ୍ର.)

କୋରାପୁଟ ସରକାରୀ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି ଉପରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଛି । ବିଭାଗୀୟ ମୁଖ୍ୟ ପ୍ରଫେସର କାମାକ୍ଷୀ ପ୍ରସାଦ ଦାସଙ୍କ ଅଧକ୍ଷତାରେ ହୋଇଥିବା ଏହି ଅନ୍‌ଲାଇନ ଆଲୋଚନାଚକ୍ରରେ ଜାତୀୟ ଶିକ୍ଷାନୀତି କିଭଳି ଯୁବପ୍ରାଣଙ୍କୁ ସ୍ୱାଭିମାନୀ ଓ ସ୍ୱାଧୀନ କରି ଆତ୍ମନିର୍ଭରଶୀଳ କରିଥାଏ ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିକ୍ଷାବିତ ରମାକାନ୍ତ ଭୂୟାଁ, ଭଦ୍ରକ ମହାବିଦ୍ୟାଳୟର ଶିକ୍ଷାବିତ ପ୍ରଫେସର ସୁବୋଧ ମିଶ୍ର, ଭଞ୍ଜନଗର ମହାବିଦ୍ୟାଳୟ ପ୍ରାକ୍ତନ ଅଧାପକ ଡ. ଶ୍ୟାମାପ୍ରସାଦ ମିଶ୍ର ଓ କୋରାପୁଟର ଗବେଷକ ତଥା ଶିକ୍ଷାବିତ୍ ରାଜେନ୍ଦ୍ର ପାତ୍ରୀ ଅତିଥିଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଗତି ସାହୁ ଜାତୀୟ ଶିକ୍ଷାନୀତିର ଉପକ୍ରମଣିକା ପାଠ କରିଥିଲେ ।

## ଆଗ ମାଟି, ଚାଷ ପରେ ରାଜନୀତି:ଦଶରଥ

ମାଲକାନଗିରି,୮।୮(ଡି.ଏନ୍.ଏ.)

ରାଜନୀତି କରୁଥିବା ବ୍ୟକ୍ତି ସାଧାରଣତଃ ଜମିରେ କେବେ ଚାଷ କରନ୍ତି ନାହିଁ କିମ୍ବା ବିଭିନ୍ନ ଚାଷ ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା କମ୍ ଥାଏ ବୋଲି ଅନେକଙ୍କ ମନକୁ ଆସିଥାଏ। ମାତ୍ର ମାଲକାନଗିରି ଜିଲାରେ ଏମିତି ଜଣେ ରାଜନୈତିକ ବ୍ୟକ୍ତି ଯିଏ କି ରାଜନୀତି କରିବା ସହ ବାପାଙ୍କ ପ୍ରେରଣାରେ ଚାଷ କାର୍ଯ୍ୟ କରୁଛନ୍ତି। ଏବେ ସେ ଜଣେ ପ୍ରତିଷ୍ଠିତ ରାଜନେତା ସହ ଜଣେ ସଫଳ ଚାଷୀ ଭାବେ ପରିଚିତ । ସେ ହେଉଛନ୍ତି ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି। ସଦର ବ୍ଲକ ପେଡାକୋଣ୍ଡା ପଞ୍ଚାୟତ ସଦର ମହକୁମାର ଦଶରଥ ଅଧ୍ୟୟନ କରୁଥିବା ସମୟରେ ବାପାଙ୍କ ସହ ଜମିରେ ଚାଷ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ସେ ସରକାରୀ ଚାକିରି କରିଥିଲେ। କିଛିବର୍ଷ ପରେ ଚାକିରିରୁ ଇସ୍ତଫା ଦେଇ ରାଜନୀତି ଆରମ୍ଭ କରି ଲୋକଙ୍କ ସେବା କରି ଆସୁଛନ୍ତି। କୌଣସି ବ୍ୟକ୍ତି କିମ୍ବା ଗ୍ରାମର କିଛି ସମସ୍ୟା ଉପୁଜିଲେ ଦଶରଥ ସେଠାରେ ପହଞ୍ଚି ପ୍ରଶାସନ ସହ ଆଲୋଚନା କରି ତାହାର ସମାଧାନ କରନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ଥାଇ ମଧ ସେ କେତେବେଳେ ହଳ ଲଙ୍ଗଳ, କେତେବେଳେ ଟ୍ରାକ୍ଟର ଧରି ନିଜ ଜମି ଚାଷ କରୁଛନ୍ତି। ପନିପରିବାଠାରୁ ଆରମ୍ଭ କରି ଧାନ, ଡାଲିଜାତୀୟ ଖାଦ୍ୟଶସ୍ୟ ସେ ଚାଷ କରନ୍ତି। ତାଙ୍କ ଅଞ୍ଚଳର ପ୍ରବାସୀ ଶ୍ରମିକଙ୍କୁ ଦଶରଥ ନିଜ ଚାଷଜମିରେ କାର୍ଯ୍ୟ ଯୋଗାଇ ଦେଉଥିବା ଦେଖିବାକୁ ମିଳୁଛି । ଆଗ ମାଟି, ଚାଷ ପରେ ରାଜନୀତି। ବାପାଙ୍କଠାରୁ ଶିଖିଥିବା ଚାଷ ପ୍ରଣାଳୀକୁ ମୁଁ କେବେ ଛାଡିପାରିବି ନାହିଁ ବୋଲି କହନ୍ତି ସେ।

# ୩୫ କେଜି ଗଞ୍ଜେଇ ଜବତ,ଜଣେ ଗିରଫ

କାଲିମେଳା,୮।୮(ଡି.ଏନ.ଏ.)

ଅଟୋ ଯୋଗେ ଗଞ୍ଜେଇ ନେଇ ଯାଉଥିବା ବେଳେ କାଲିମେଳା ପୋଲିସ ଜଣେ ଗଞ୍ଜେଇ ଚାଲାଣକାରୀଙ୍କୁ ଶନିବାର ଧରିଛି। ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ଏସ୍‌ଆଇ ଓ ପୋଟେରୁ ଫାଣ୍ଡି ଅଧିକାରୀ ମନୋହର ସାହୁ ଏକ ପୋଲିସ ଟିମ୍ ସହ ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପୁଲିମେଟଲା ଛକଠାରେ ଗୋଟିଏ ଅଟୋ ଯାଉଥିବା ଦେଖି ପୋଲିସ କର୍ମଚାରୀମାନେ ଏହାକୁ ଅଟକାଇ ଯାଞ୍ଚ କରିଥିଲେ । ଏଥିରୁ ୩୫ କେଜି ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଚାଲାଣ କରୁଥିବା ଗୁମୁକା ପଞ୍ଚାୟତ ଏମ୍‌ପିଭି–୧୧ ଗ୍ରାମର ବିକ୍ରମ ହୀରାଙ୍କୁ ଗିରଫ କରାଯାଇଛି । ଅଟୋ ଜବତ ହୋଇଛି। କରାଯାଇଥିବା ଜଣାପଡିଛି । ତେବେ ପୋଲିସର ଯାଞ୍ଚ ବେଳେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ କେତେଜଣ ବ୍ୟକ୍ତି ଖସିଯାଇଥିବା ଥାନା ଅଧିକାରୀ ଝାଙ୍କର କହିଛନ୍ତି।


ଗିରଫ ଅଭିଯୁକ୍ତ ।

## ପରେଡ଼ରେ ପୋଲିସବାହିନୀ ବ୍ୟତୀତ ଅନ୍ୟମାନଙ୍କୁ ମନା

କୋରାପୁଟ,୮।୮(ସ୍ୱ.ପ୍ର.)

କୋଭିଡ୍–୧୯ ପରିପେକ୍ଷୀରେ ଆସନ୍ତା ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ସ୍ଥାନୀୟ ଡିଆର୍‌ଡିଏ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା ଏହି ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ ରଞ୍ଜନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ, ବିଏସ୍‌ଏଫ୍ କମାଣ୍ଡାଣ୍ଟ ତାପସ ମହାନ୍ତି, ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, କୋରାପୁଟ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଏସ୍‌ଡିଆଇପିଆର୍‌ଓ ପୀତବାସ ବିଶ୍ୱାଳ, କୋରାପୁଟ ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର, ପୋଲିସ ଆର୍‌ଆଇ ସୁବାସ ଚନ୍ଦ୍ର ନାୟକ, ଏସ୍‌ଡିପିଓ ବଳଭଦ୍ର ଦୀପଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଏସ୍‌ଓଜି , ଓଏସ୍‌ଏପି, ଆଇଆର୍‌ବି ବାଟାଲିୟନର ସହକାରୀ କମାଣ୍ଡାଣ୍ଟମାନେ ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନ ନେଇ ନିଜ ମତ ରଖିଥିଲେ । ଚଳିତ ବର୍ଷ କରୋନା ଯୋଗୁ କୋରାପୁଟ ପୋଲିସ ପଡିଆଠାରେ ଆୟୋଜିତ ଜିଲାସ୍ତରୀୟ ପରେଡରେ ପୋଲିସବାହିନୀ ବ୍ୟତୀତ ଅନ୍ୟମାନେ ସାମିଲ ହୋଇପାରିବେ ନାହିଁ। ସେହିଦିନ ସକାଳ ୫ଟାରେ ରାମଧୂନ, ୭ଟା ୩୦ରେ ସମସ୍ତ ସରକାରୀ ଓ ବେସରକାରୀ ସ୍ଥାନରେ ପତାକା ଉତ୍ତୋଳନ , ୯ଟା ୧୫ରେ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଏହି ଅବସରରେ କରୋନା ଯୋଦ୍ଧା ଯଥା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ସଫେଇ କର୍ମଚାରୀ ଏବଂ ପୋଲିସଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା ।

## ସୋଲାର ପ୍ଲେଟ୍‌ରୁ ଯନ୍ତ୍ରାଂଶ ଚୋରି

କୁଡୁମୁଲୁଗୁମ୍ମା,୮।୮(ଡି.ଏନ.ଏ.)

କୁଡୁମୁଲୁଗୁମ୍ମା ବ୍ଲକ ସୁନାନଗର ଓ ସୋମନାଥପୁର ପଞ୍ଚାୟତର ପିଲାକୁସୁମୀଠାରେ ଲାଗିଥିବା ଟ୍ରାଫିକ ଲାଇଟ୍ ସୋଲାର ପ୍ଲେଟ୍‌ରେ କାର୍ଯ୍ୟକ୍ଷମ ହେଉଥିଲା। ଏହି ପ୍ଲେଟ୍‌ରୁ ଯନ୍ତ୍ରାଂଶଗୁଡିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଜଣାପଡିଛି। ପିଲାକୁସୁମୀ ରାସ୍ତାରେ ଥିବା ବୁଲାଣିରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନହାନି ହେଉଥିଲା। ଏ ସମ୍ପର୍କରେ ମାଲକାନଗିରି ଜିଲା ପ୍ରଶାସନକୁ ଅବଗତ କରିବା ପରେ ପ୍ରଶାସନ ରାସ୍ତା କାର୍ଯ୍ୟରେ ନିୟୋଜିତ ଥିବା ଠିକାଦାରଙ୍କୁ ଏଠାରେ ଟ୍ରାଫିକ ଲାଇଟ୍ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏଠାରେ ଟ୍ରାଫିକ୍ ଲାଇଟ୍ ଲାଗିଥିଲା। ଏହା ସୋଲାର ପ୍ଲେଟ୍ ଦ୍ୱାରା ଚାଲୁଥିଲା। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜୟପୁର: ଶ୍ରାବଣ ଛତୁ କିଲୋ ୧୬ ଶହ

ଜୟପୁର, ୮।୮(ନି.ପ୍ର.)

ଶ୍ରାବଣ ଛତୁ କିଲୋ ୧୬ ଶହ ଟଙ୍କା। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ଏହା ସତ୍ୟ। ଏହା ବଟନ କି ପାଳ ଛତୁ ନହେଁ, ଏହା ହେଉଛି ଶ୍ରାବଣ ଛତୁ। ଏହା କେବଳ କୋରାପୁଟ ଓ ପଡୋଶୀ ଜିଲାରେ ମିଳିଥାଏ। ଜୟପୁର ସହରରେ ବିକ୍ରି ହେଉଥିବା ଏହି ଛତୁ ଅଧିକ ଦର ସତ୍ତ୍ୱେ ଲୋକେ କିଣି ନେଉଥିବା ଦେଖିବାକୁ ମିଳୁଛି। ଫୁଟିଲା ଛତୁଠାରୁ ଆରମ୍ଭ କରି କଡ ଛତୁ ଯାଏ ସବୁ ରହିଛି ବ୍ୟବସାୟୀଙ୍କ ପାଖରେ। ବର୍ଷକୁ କେବଳ ଶ୍ରାବଣ ଓ ଭାଦ୍ରବ ଏହି ୨ ମାସରେ ଏହି ଛତୁ ଫୁଟିଥାଏ। ତେବେ ବର୍ଷା ଲାଗି ରହିଥିବାରୁ ଛତୁ କମ୍ ପରିମାଣରେ ବଜାରକୁ ଆସିଛି। ଖରା ହେବା ପରେ ଅଧିକ ଛତୁ ବଜାରକୁ ଆସିବ। ଫୁଟିନ୍ତା ଛତୁ ଅପେକ୍ଷା କଡ ଛତୁର ଅଧିକ ଚାହିଦା ରହିଛି । ବଜାରରେ ମିଳୁଥିବା ବଟନ ହେଉକି ପାଳଛତୁ ଏହା ଚାଷ କରି ଉତ୍ପାଦନ କରାଯାଇଥାଏ । ମାତ୍ର ଶ୍ରାବଣ ଛତୁ ପ୍ରାକୃତିକ ପରିବେଶରେ ସ୍ୱତଃ ଫୁଟିଥାଏ। ଅନ୍ୟ ଛତୁ ତୁଳନାରେ ଏଥିରେ ଅଧିକ ଭିଟାମିନ ମଧ ଥାଏ। ଆମିଷଠାରୁ ଢେର ଅଧିକ ଦର ଥିଲେ ମଧ ଏହାର ସ୍ୱାଦ ଦୃଷ୍ଟିରୁ ବଜାରରେ ଚାହିଦା ରହିଛି।


ବଜାରକୁ ଆସିଥିବା ଶ୍ରାବଣ ଛତୁ ।

## ବଢୁଛି ଦେଶୀମଦ କାରବାର: ୪ ଗିରଫ

ରାୟଗଡା ଅଫିସ/ଟିଁକିରି : କରୋନା କଟକଣା ଜାରି ରହିଥିଲେ ମଧ୍ୟ ରାୟଗଡ଼ା ଜିଲାରେ ଦେଶୀମଦ କାରବାର ବୃଦ୍ଧିପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ପ୍ରମୋଦ କୁମାର ବେହେରା ଏବଂ ଅବିକାରୀ ଏସ୍‌ପି ଦଣ୍ଡପାଣି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ ଜାରି ରହିଛି। ୫ରୁ ୮ତାରିଖ ମଧ୍ୟରେ ଜିଲାର ଗୁଣପୁର, ଶେଷଖାଲ ଥାନା, ଗୁଡାରି ଥାନା, ଚାନ୍ଦଲି ଥାନା, ଟିଁକିରି ଥାନା ଅମ୍ବାଦଳା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଦେଶୀମଦ ଏବଂ ପୋଚ ଜବତ କରାଯାଇଛି। ସେହିପରି ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତ ଦଶ ପୁଆଲା, ମଙ୍ଗରାଜ ବିଡିକା, ଏଣ୍ଡା ଜାକକା ଓ ରଶି ରବି ଲାଣ୍ଡକାଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି।

### ସଂକ୍ଷେପରେ

## କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୬ଦିନ ବନ୍ଦ

ଗୁଣପୁର,୮।୮(ଡି.ଏନ୍.ଏ.): ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ରୁ ଶନିବାର ୨୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୫ କୋଭିଡ୍ ଯୋଦ୍ଧା ରହିଛନ୍ତି। ଏହାପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ୯ରୁ ୧୪ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି।

## ପଦ୍ମପୁର,ଚନ୍ଦ୍ରପୁର, ମୁନିଗୁଡ଼ାରେ ହେବ ଜେଏମ୍‌ଏଫ୍‌ସି କୋର୍ଟ

ଗୁଣପୁର,୮।୮(ଡି.ଏନ୍.ଏ)-ରାଜ୍ୟରେ ବିଭିନ୍ନ ଜିଲାରେ ୬୫ଟି ସିଭିଲ୍ ଜଜ୍ ଜୁନିୟର ଡିଭିଜନ ତଥା ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା କରିବା ପାଇଁ ହାଇକୋର୍ଟ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ରାୟଗଡ଼ା ଜିଲାର ଚନ୍ଦ୍ରପୁର,ପଦ୍ମପୁର ଏବଂ ମୁନିଗଡ଼ାଠାରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ହେବ ବୋଲି ସୂଚନା ମିଳିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ଅଞ୍ଚଳବାସୀଙ୍କ ପକ୍ଷରୁ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଥିଲା।

## ନନ୍ଦାହାଣ୍ଡିରେ କଣ୍ଟେନ୍‌ମେଣ୍ଟ, ବଫର ଜୋନ୍

ନବରଙ୍ଗପୁର,୮।୮(ବି.ପ୍ର.)- ନବରଙ୍ଗପୁର ଜିଲାରୁ ଶନିବାର ପୁଣି ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ନନ୍ଦାହାଣ୍ଡିରୁ ୪ ଓ ନବରଙ୍ଗପୁର ସହରରୁ ଜଣେ ପଜିଟିଭ ରହିଛନ୍ତି। ଏହାପରେ ନନ୍ଦାହାଣ୍ଡି ବ୍ଲକର ଜାନକୀନଗର, ପୋଲିସଲାଇନ, ଗାନ୍ଧୀନଗର ବି.ମାହନ ରାଓଙ୍କ ଘର ନିକଟରୁ ଆର୍‌ଏମ୍‌ସି ଗେଟ୍, ଦ୍ୱାରିକାନଗର ବାବୁରାଓଙ୍କ ଘରଠାରୁ ଗୋପୀନାଥ ସୁଆରଙ୍କ ଘର ପର୍ଯ୍ୟନ୍ତ ବଫର ଓ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏବେ ନବରଙ୍ଗପୁର ଜିଲାରେ ଶନିବାରରୁ ତିନିଦିନିଆ ଶଟ୍‌ଡାଉନ। ଏହି ସମୟରେ କଣ୍ଟାକ୍ଟ ଟ୍ରେସିଂ ସହଜ ହେବ ବୋଲି ଜିଲାପାଳ ଅଜିତ କୁମାର ମିଶ୍ର କହିଛନ୍ତି। ସମସ୍ତେ ଶଟ୍‌ଡାଉନ ନିୟମ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି। ଏଯାବତ୍ ଜିଲାରୁ ୩୬୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ୨୮୧ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୭୮ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

## କୋଭିଡ୍ ଯୋଦ୍ଧାଙ୍କୁ ସ୍ୱାଗତ

ଝରିଗାଁ, ୮।୮(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ଥାନାରେ କାର୍ଯ୍ୟରତ ଏସ୍‌ଆଇଙ୍କ ସମେତ ଦୁଇ ଗୃହରକ୍ଷୀ କରୋନାରେ ଆକ୍ରାନ୍ତ ହୋଇଥିଲେ। ୧୦ଦିନର ଚିକିତ୍ସା ପରେ ସୁସ୍ଥ ହୋଇ ସେମାନେ ପୁଣି ଥରେ କାର୍ଯ୍ୟରେ ଯୋଗଦେଇଛନ୍ତି। ଥାନାକୁ ଫେରିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଛି। ଝରିଗାଁ ଥାନାଧିକାରୀ ଉମେଶ ସାହୁ, ଏଏସ୍‌ଆଇ ଅଶୋକ କୁମାର ପାଳ ଏବଂ ସମସ୍ତ କର୍ମଚାରୀ କରତାଳି ଦେଇ ତିନି ଯୋଦ୍ଧାକୁ ସ୍ୱାଗତ କରିଥିଲେ।

## ବାଲିଚାଲାଣ: ୭୦ହଜାର ଜରିମାନା

ରାୟଗଡ଼ା ଅଫିସ,୮।୮(ସ୍ୱ.ପ୍ର.): ନାଗାବଳୀ ନଦୀରୁ ବେଆଇନ ବାଲି ଚାଲାଣବେଳେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ୭ଟ୍ରାକ୍ଟରରେ ବାଲି ଚାଲାଣ ହେଉଥିଲା। ସୂଚନା ପାଇ ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ତହସିଲଦାର ସୁନୀଲ୍ ଚନ୍ଦ୍ର ଖରା, ଆର୍‌ଆଇ କେଶବ ସାହୁ ଉପସ୍ଥିତ ରହି ୭ଟି ଟ୍ରାକ୍ଟରରୁ ୧୦ହଜାର ଟଙ୍କା ଲେଖାଏ ୭୦ହଜାର ଟଙ୍କା ଜରିମାନା ଅଦାୟ କରିଛନ୍ତି।

## ଦୁର୍ଘଟଣାରେ ୪ ଗୁରୁତର

କୋଡିଙ୍ଗା, ୮।୮(ଡ.ଏନ୍.ଏ.) ନବରଙ୍ଗପୁର ଜିଲା କୋଡିଙ୍ଗା-କୋଷାଗୁମୁଡ଼ା ମୁଖ୍ୟ ରାସ୍ତା ବିଏମ୍ ସେମେଲା ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୁସୁମିଗୁଡ଼ା ଗାଁର ଶାମ ଭତରା, ଭଗତ ଭତରା ଓ ବିଏମ ସେମଲା ଗାଁର ପ୍ରହଲ୍ଲାଦ ମାଳି ଓ ପର୍ଶୁରାମ ମାଝି। ପ୍ରକାଶ ଯେ, ଶାମ ଓ ଭଗତ ଏକ ବାଇକରେ କୋଷାଗୁମୁଡ଼ାରୁ ନିଜ ଗାଁକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ପର୍ଶୁରାମ ଓ ପ୍ରହଲ୍ଲାଦଙ୍କ ଗାଡି ସହ ତାଙ୍କର ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ପରେ ସେମାନଙ୍କୁ ନବରଙ୍ଗପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଭୂତ ନାଁରେ ବିଦ୍ୟୁତ୍ ବିଲ୍

**ବୈପାରିଗୁଡ଼ା, ୮।୮(ଡି.ଏନ୍.ଏ.)**

ଘରେ ଲାଗିନି ମିଟର। କିନ୍ତୁ ବାରମ୍ବାର ଆସୁଛି ବିଦ୍ୟୁତ ବିଲ୍। ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଲେ ମଧ କୌଣସି ସୁଫଳ ମିଳୁନି। ଏପରି ଅଭିଯୋଗ ଆଣିଛନ୍ତି କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ପଡେଇଗୁଡା ଗ୍ରାମର ଦାମ ଗଲରୀ।

ପ୍ରକାଶ ଯେ ଦାମ ଗଲରୀଙ୍କ ବାପା ଡମ୍ବରୁଙ୍କର ୧୫ ବର୍ଷ ତଳେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ପରେ ବିପିଏଲ୍ ହିତାଧିକାରୀ ହେତୁ ତାଙ୍କୁ ବିଦ୍ୟୁତ୍ ଉପଭୋକ୍ତା ଭାବେ ଚୟନ କରାଯାଇଥିଲା। ମିଟର ନଂ. ୭୧୧୧୦୩ଏଫ୍ ଏ ୦୦୧୮ ଲଗାଇବାକୁ ଠିକାଦାର ଡମ୍ବରୁଙ୍କ ଘରକୁ ଆସିଥିଲେ। ପୂର୍ବରୁ ଘରକୁ ନିଜ ନାଁରେ ବିଦ୍ୟୁତ୍ ସଂଯୋଗ ଆଣି ସାରିଥିବାରୁ ଦାମ ଓ ତାଙ୍କ ଭାଇମାନେ ମିଟର ଲଗାଇବାକୁ ଠିକାଦାରଙ୍କୁ ମନା କରିଦେଇଥିଲେ। ଡମ୍ବରୁଙ୍କ ନାମରେ ଥିବା ମିଟରକୁ ସେମାନେ ଫେରସ୍ତ କରିଦେଇଥିଲେ। ଏହା ମଧ୍ୟରେ କିନ୍ତୁ ୫ ବର୍ଷ ତଳେ ଡମ୍ବରୁଙ୍କ ନାମରେ ବିଦ୍ୟୁତ୍ ବିଲ୍ ଆସିଥିଲା। ଏହାକୁ ବିରୋଧକରି ଦାମ ତତ୍କାଳୀନ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଏବେ ପୁଣି ଜୁନ୍ ମାସର ବିଦ୍ୟୁତ୍ ବିଲ୍ ଆସିଛି। ବିପିଏଲ୍ ହିତାଧିକାରୀ ଭାବେ ମାସିକ ୮୦ ଟଙ୍କା ହିସାବରେ ପୂର୍ବ ବକେୟା ସହ ସମୁଦାୟ ୬ ହଜାର ୫୩୦ ଟଙ୍କା ବିଲ୍ ହୋଇଛି। ତେବେ ଆଶ୍ଚର୍ଯ୍ୟର କଥା ବିଲ୍‌ରେ ମିଟର ରିଡିଂ ପଡିବା ସହ ମିଟରର ଫଟୋ ରହିଛି। ବିଲ୍‌କୁ ନେଇ ଦାମ ଅସନ୍ତୋଷ ପ୍ରକାଶ କରିବା ସହ ପୁଣି ଥରେ ଏ ନେଇ ବୈପାରିଗୁଡା ବିଦ୍ୟୁତ୍ କାର୍ଯ୍ୟାଳୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ନାୟକଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ବିଲ୍ ପୈଠ କରିବାର ଆବଶ୍ୟକତା ନାହିଁ। ସେ ହିତାଧିକାରୀ ଡମ୍ବରୁଙ୍କ ନାଁରେ ଥିବା ସଂଯୋଗକୁ ବାତିଲ କରିବେ ବୋଲି କହିଛନ୍ତି।

# ନିଆଁ ଲାଗି ଜଳିଗଲା ୨ ବଖରା



ଜଳିଯାଇଥିବା ଘର।

**ପାପଡ଼ାହାଣ୍ଡି,୮।୮(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଜାନିଗୁଡ଼ା ଗାଁରେ ନିଆଁ ଲାଗି ମହାଦେବ ଜାନିଙ୍କ ଦୁଇବଖରା ଘର ପୋଡ଼ିଯାଇଛି। ଏଥିରେ ଧାନ, ଚାଉଳ ସହ ଅନେକ ଆସବାବପତ୍ର ନଷ୍ଟ ହୋଇଯାଇଛି। ଚୁଲି ଉପରେ ଶୁଖିବା ପାଇଁ ରଖିଥିବା କାଠରେ ନିଆଁ ଲାଗି ଏହି ଦୁର୍ଘଟଣା ଘଟିଥିଲା। ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ତାହାକୁ ଲିଭାଇଥିଲେ।

## ଗୁଣପୁରରେ ଅଧିକ ଡାକ୍ତର ନିଯୁକ୍ତି ଦାବି

**ଗୁଣପୁର,୮।୮(ଡି.ଏନ୍.ଏ.):**

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଦୁଇ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ଜଣେ ଆୟୁଷ ଡାକ୍ତରଙ୍କୁ ମଧ ନିଯୁକ୍ତ କରାଯାଇଛି। ନୂତନ ନିଯକ୍ତି ପରେ ଏଠାରେ ଡାକ୍ତରଙ୍କ ସଂଖ୍ୟା ୯ ହୋଇଛି। ତେବେ ୨ବିଶେଷଜ୍ଞ ଡାକ୍ତର କରୋନା ମୁକାବିଲା ଦାୟିତ୍ୱରେ ଆସିଥିବାରୁ ପରିସ୍ଥିତି ସୁଧୁରିଲେ ସେମାନେ ଠାରୁ ଚାଲିଯିବା ଆଶଙ୍କା ରହିଛି। ତେଣୁ ଦୁଇ ଡାକ୍ତରଙ୍କୁ ଏଠାରେ ସ୍ଥାୟୀ ନିଯୁକ୍ତି ସହ ଅଧିକ ଡାକ୍ତର ନିଯୁକ୍ତି ଦେବା ପାଇଁ ଶନିବାର



ଦାବି ଜଣାଇବାକୁ ଆସିଥିବା ଭାଜପା କର୍ମକର୍ତ୍ତାମାନେ।

ଭାଜପା ଦାବି କରିଛି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅନେକ ଲୋକ ନିର୍ଭରଶୀଳ। ତେଣୁ ଏଠାରେ୧୯ଜଣ ଡାକ୍ତର ରହିବା ଆବଶ୍ୟକ। କମ୍ ଡାକ୍ତର ଯୋଗୁ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେଣୁ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ପାଇଁ ଦଳ ପକ୍ଷରୁ ୱାଇ. ଗଣପତି, ଶ୍ରୀନିବାସ ସ୍ୱାଇଁ, ଗୋପାଳକଷ୍ଣ ଦେଓପାତ୍ର, ଫାଲଗୁନି ଶବର, ଇଶ୍ୱର ଗମାଙ୍ଗ ଦାବି କରିଛନ୍ତି।

## ଜାଲ୍ ନୋଟ୍ କାରବାର: ସ୍ତ୍ରୀ ପରେ ସ୍ୱାମୀ ଗିରଫ

**ଗୁଣପୁର,୮।୮(ଡି.ଏନ୍.ଏ)**

ରାୟଗଡ଼ା ଜିଲା ଗୁଣପୁରଠାରେ ଜାଲ୍ ନୋଟ୍ କାରବାର ଅଭିଯୋଗରେ ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ସହରର ରହିମା ବିବିଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଘଟଣାର ଅଧିକ ତଦନ୍ତ ଜାରି ରହିଥିଲା। ଏହି କାରବାରରେ ରହିମାଙ୍କ ସ୍ୱାମୀ ମହମ୍ମଦ ହବିବାଙ୍କ ମଧ ସମ୍ପୃକ୍ତି ଜଣାପଡ଼ିବା ପରେ ଶନିବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ତେବେ ଏସ୍‌ଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ ଉଭୟଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଥିବା ସରକାରୀ ଓକିଲ ଅକ୍ଷୟ ଶତପଥୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ବୁଧବାର ଦମ୍ପତିଙ୍କୁ ଥାନାକୁ ନେଇ ପଚରାଉଚରା କରାଯାଇଥିଲା। ତେବେ ରହିମାଙ୍କୁ ଗିରଫ କରାଯାଇଥିବାବେଳେ ସ୍ୱାମୀ ହବିବାଙ୍କୁ ଙ୍କ ପଚରାଉଚରା ପରେ ଛାଡ଼ି ଦିଆଯାଇଥିଲା। ସୂଚନାଯୋଗ୍ୟ, ବୁଧବାର ରହିମା ଏକ ଦୋକାନକୁ କ୍ଷୀର ଆଣିବାକୁ ଯାଇଥିବାବେଳେ ୮ହଜାର(୨ହଜାର ଟଙ୍କିଆ ନୋଟ୍) ନେଇ ଖୁଚୁରା ପାଇଁ ଯାଇଥିଲେ। ଦୋକାନୀଙ୍କୁ ଏକ ୨ହଜାର ଟଙ୍କିଆ ନୋଟ୍ ଦେଇଥିଲେ। ସେ ଜାଲ୍ ନୋଟ୍ ବୋଲି ଜାଣିପାରି ପାଟି କରିଥିଲେ। ଏହି ସମୟରେ ମହିଳା ସେଠାରୁ ଦୌଡ଼ି ଚାଲିଯାଇଥିବାବେଳେ ଅନ୍ୟ ନୋଟ୍‌ଗୁଡ଼ିକୁ ମଧ ଚିରିଦେଇଥିଲେ। ଏ ନେଇ କ୍ଷୀର ଦୋକାନୀଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଥିଲା।

## ରାୟଗଡ଼ା ଜିଲାରୁ ଆଉ ୧୩୬ ପଜିଟିଭ

**ରାୟଗଡ଼ା ଅଫିସ/ଗୁଣପୁର, ୮।୮(ଡି.ଏନ୍.ଏ.):**

ରାୟଗଡ଼ା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ପୁଣି ବଢ଼ିବାରେ ଲାଗିଛି। ଜିଲାରୁ ଆଉ ୧୩୬ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏଥିରେ ୨୮ ମହିଳା ଏବଂ ୧୦୮ ପୁରୁଷ ରହିଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ରାୟଗଡ଼ା ସହରାଞ୍ଚଳରୁ ୩ଜଣ, ରାୟଗଡ଼ା ଗ୍ରାମାଞ୍ଚଳରୁ ୭, ଗୁଣପୁର ସହରାଞ୍ଚଳରୁ ୨, ଚନ୍ଦ୍ରପୁରରୁ ୧, ଗୁଡ଼ାରିରୁ ୫୦,ରାମନାଗୁଡ଼ାରୁ ୪୧, କଲ୍ୟାଣସିଂପୁରରୁ ୨୮, କାଶୀପୁରରୁ ୨ ଏବଂ ବାହାର ରାଜ୍ୟରୁ ଫେରିଥିବା ୨ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୪୯ କୋଭିଡ୍ ଯୋଦ୍ଧା ରହିଛନ୍ତି। ଗୁଡାରିରୁ ସର୍ବାଧିକ ୫୦ ପଜିଟିଭ ଚିହ୍ନଟ ହୋଇଥିବାବେଳେ ଗୁଡ଼ାରି ପାଇକ ସାହି, ବଶଂଧାରା କଲୋନୀ ଏବଂ ପରିଚ୍ଛା ସାହି ଏବଂ ଗ୍ରାମାଞ୍ଚଳର କିରିଡ଼ି ଏବଂ ସାନହୁମାରୁ ସଂକ୍ରମିତମାନେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏହି ଅଞ୍ଚଳଗୁଡ଼ିକୁ ପୂର୍ବରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ସୂଚନା ମିଳିଛି। ଅଧିକ ପରୀକ୍ଷା ହେଉଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି ବୋଲି ଡିଆର୍‌ଡିଏ ପିଡି ଅମ୍ରିତ୍ ଋତୁରାଜ ସୂଚନା ଦେଇ କହିଛନ୍ତି।

## ଭଙ୍ଗା କୁଡ଼ିଆରେ ଭାଗ୍ୟ ଆଦରି ରହିଛନ୍ତି ରଇଲା

**ବୈପାରିଗୁଡ଼ା, ୮।୮(ଡି.ଏନ୍.ଏ.)**



ବୃଦ୍ଧା ରଇଲା।

ରଇଲା ଖରା। ଘର କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ସଦର ମହକୁମା ପଞ୍ଚାୟତ ଧଉଡ଼ାଗୁଡ଼ା ଗାଁରେ। ସ୍ୱାମୀ ଆରପାରିକୁ ଚାଲିଯାଇଥିବା ବେଳେ ପୁଅମାନେ ପଚାରୁ ନାହାନ୍ତି। ଅସହାୟା ବୃଦ୍ଧା ଜଣକ ନିଃସଙ୍ଗ ଅବସ୍ଥାରେ ରହୁଥିବାବେଳେ ମୁଣ୍ଡ ଗୁଞ୍ଜିବା ପାଇଁ ଭଲ ଘରଟିଏ ନାହିଁ। ଖାଇବାକୁ ପେଟପୂରା ଦାନା ମଧ ମିଳୁନି। ସେ କୌଣସି ଭତ୍ତା ପାଉ ନ ଥିବା ବେଳେ ସାହିପଡ଼ିଶାଙ୍କ ଲୋକେ ହିଁ ତାଙ୍କ ଭରସା।

ରଇଲାଙ୍କ ବୟସ ପାଖାପାଖି ୭୦। ୧୦ ବର୍ଷ ତଳୁ ସ୍ୱାମୀ ଚନ୍ଦ୍ର ଆରପାରିକୁ ଚାଲିଯାଇଛନ୍ତି। ଜଣେ ପୁଅ ବାହାରେ ରହୁଥିବା ବେଳେ ଅନ୍ୟ ଜଣେ ଗାଁରେ ରହୁଛନ୍ତି। କିନ୍ତୁ ସେମାନେ ହତାଦର କରିବାରୁ ରଇଲା ଦୀର୍ଘବର୍ଷ ହେବ ଗାଁର ଅନ୍ୟ ଜଣକ ଘରେ ଆଶ୍ରୟ ନେଇଛନ୍ତି। ଗାଁର ଉକ୍ତ ସହୃଦୟ ବ୍ୟକ୍ତିଙ୍କ ଜାଗାରେ ଝାଟିମାଟି ଘର ଖଣ୍ଡିଏ କରି ମୁଣ୍ଡ ଗୁଞ୍ଜୁଛନ୍ତି ରଇଲା। ଅର୍ଥାଭାବରୁ ଅନେକ ଦିନ ହେବ ଘର ଛପର କରିପାରୁନାହାନ୍ତି। ଘରଟିମଧ ଭାଙ୍ଗିଯାଇଛି। ସରକାରୀ ନିୟମାନୁଯାୟୀ ତାଙ୍କୁ ବାର୍ଦ୍ଧକ୍ୟ, ବିଧବା ଭତ୍ତା ମିଳିବା କଥା। କିନ୍ତୁ ଏବେବି ଏହି ଯୋଜନା ତାଙ୍କ ପାଖେ ଅପହଞ୍ଚ। ସେ ପୂର୍ବରୁ ଅନେକ ଥର ଆବେଦନ କରିଥିଲେ ମଧ ସେଗୁଡ଼ିକ ତାଙ୍କୁ ମିଳୁନି। ଅନ୍ତ୍ୟୋଦୟ ଯୋଜନାରେ ମାସକୁ କେବଳ ୫ କିଲୋ ଚାଉଳ ମିଳୁଛି। ସେତିକିରେ ମାସ ଯାକ ପେଟ ପୂରିବା କଷ୍ଟକର। ଅନ୍ୟ ଖର୍ଚ୍ଚ ବି ଅଛି। ବାଧ ହୋଇ ଏ ବୟସରେ ସାହି ପଡ଼ିଶାରେ କାମ କରି ବଞ୍ଚୁଛନ୍ତି ବୋଲି ରଇଲା କହିଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ଏକ ପକ୍କାଘର ଓ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇଦେବାକୁ ଗାଁ ଲୋକେ ଦାବି କରିଛନ୍ତି।

## ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ହିର୍ଲି ଡଙ୍ଗର

**ନବରଙ୍ଗପୁର,୮।୮(ବି.ପ୍ର.)**

କୋଭିଡ୍ ଯୋଗୁ ବନ୍ଦ ଥିବା ନବରଙ୍ଗପୁରସ୍ଥିତ ହିର୍ଲି ଡଙ୍ଗରକୁ ଏବେ ଲୋକଙ୍କ ପାଇଁ ଖୋଲାଯାଇଛି। ଟିକେଟ ମୂଲ୍ୟ ୧୦ ଟଙ୍କା ରହିଛି। ଦୁଇଚକିଆ ଗାଡ଼ିକୁ ୧୦ ଓ ଚାରି ଚକିଆ ପାଇଁ ୩୦ ଟଙ୍କା ପାର୍କିଂ ଫି' ରହିଛି। ଉକ୍ତ ଆଦାୟ ଅର୍ଥରେ କର୍ମଚାରୀଙ୍କ ଦରମା ଓ ଆନୁଷଙ୍ଗିକ ଖର୍ଚ୍ଚ ହୋଇପାରୁଛି। ହିର୍ଲି ଡଙ୍ଗର ଉନ୍ନୟନ କମିଟି ନିଷ୍ପତ୍ତି ଅନୁଯାୟୀ ଏହାକୁ ଖୋଲାଯାଇଛି। ଏବେ ଏହି ପର୍ଯ୍ୟଟନସ୍ଥଳର ଉନ୍ନତୀକରଣ କାମ ଆଗେଇ ଚାଲିଛି। ପାହାଡ଼ର ନିମ୍ନଭାଗରେ ଜଙ୍ଗଲ ବିଭାଗ ପକ୍ଷରୁ ପାର୍କ ନିର୍ମାଣ କରାଯାଉଛି। ଜଳ ବିଭାଜିକା ଓ ପୂର୍ତ୍ତ ବିଭାଗ ପକ୍ଷରୁ ପାର୍କର ସୌନ୍ଦର୍ଯ୍ୟକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଶିଖରରେ ଥିବା ବାଲାଜୀ ମୂର୍ତ୍ତି ଖୋଲା ଆକାଶ ତଳେ ରହିଛି। ତେବେ ଉକ୍ତ



ହିର୍ଲି ଡଙ୍ଗର ପାର୍କ।

ସ୍ଥାନକୁ ଯିବାକୁ ଆଗରୁ ପଥୁରିଆ ରାସ୍ତା ହିଁ ଥିଲା। ଏବେ ସେଠାରେ ରାସ୍ତା କାମ ଚାଲିଛି। ୱାଚ୍ ଟାୱାର, ବିଭିନ୍ନ ମନଲୋଭା ଫୁଲଗଛ ଓ ବଗିଚା ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି। ସବୁଜିମା ମଧ୍ୟରେ ରହିଛି ଏହି ପର୍ଯ୍ୟଟନସ୍ଥଳ। ନିକଟରେ କୁସୁମଝର ଜଳଭଣ୍ଡାର ରହିଛି। ପାହାଡ ଉପର ୱାଚ୍ ଟାୱାରରୁ ଜଳଭଣ୍ଡାରର ଦୃଶ୍ୟ ବେଶ୍ ମନଲୋଭା। ୪ ତାରିଖରୁ ଏହାକୁ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି। କୋଭିଡ୍ ଯୋଗୁ ପର୍ଯ୍ୟଟକଙ୍କ ଆଗମନ କମ୍ ରହିଛି। ଯେଉଁମାନେ ଆସୁଛନ୍ତି ସେମାନଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା ଓ ମାସ୍କ ପିନ୍ଧିବା ବାଧତାମୂଳକ କରାଯାଇଛି।

## କଣ୍ଟେନ୍‌ମେଣ୍ଟ ଜୋନ୍‌ରେ କଟକଣା କୋହଳ ଦାବି

**କୋଡିଙ୍ଗା, ୮।୮(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛି। ଯେଉଁଠାରୁ କରୋନା ଆକ୍ରାନ୍ତ ବାହାରୁଛନ୍ତି ତାହାକୁ ପ୍ରଶାସନ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ୍ କରି ଉକ୍ତ ଅଞ୍ଚଳକୁ ଶଟ୍‌ଡାଉନ ଘୋଷଣା କରାଯାଉଛି। କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପ୍ରଶାସନ ପକ୍ଷରୁ ଲଗାଯାଇଥିବା କଟକଣାକୁ କୋହଳ କରିବାକୁ କୋଡ଼ିଙ୍ଗା ବଣିକ ସଂଘର କେତେଜଣ ସଦସ୍ୟ ଓ ଗ୍ରାମବାସୀ ଶନିବାର ତହସିଲଦାର ସହଦେବ କୁତୁରୁକା ଓ ବିଡିଓ ସତ୍ୟନାରାୟଣ ମେହେରଙ୍କୁ ଭେଟି ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ୧୭ତାରିଖରେ କୋଡ଼ିଙ୍ଗାରୁ କେତେଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ୧୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳକୁ ଜିଲାପାଳ ଶଟ୍‌ଡାଉନ ଘୋଷଣା କରିଥିଲେ। ଇତିମଧ୍ୟରେ ପୁଣି କେତେଜଣ ନୂଆ ଆକ୍ରାନ୍ତ ବାହାରିବାରୁ ଶଟ୍‌ଡାଉନକୁ ୧୦ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ପୁଣି କୋଡ଼ିଙ୍ଗାସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରରୁ ଆଉ ଜଣେ ପଜିଟିଭ ଚିହ୍ନଟ ହେବା ପରେ ଶଟ୍‌ଡାଉନକୁ ୧୭ ଅଗଷ୍ଟ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ଏହି ଅଞ୍ଚଳରେ ଥିବା ଦୋକାନ ବଜାର ବନ୍ଦ ରହିବାରୁ ଲୋକଙ୍କ ଜୀବନ ଜୀବିକା ଠପ୍ ହୋଇପଡିଛି ବୋଲି ଲୋକମାନେ କହିଛନ୍ତି। ଦିନମଜୁରିଆ ଶ୍ରେଣୀୟ ଲୋକଙ୍କ ଅବସ୍ଥା ଏବେ ଦୟନୀୟ। ପ୍ରଶାସନ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରାଶନ ସାମଗ୍ରୀ ଆଦି ଯୋଗାଇବାର କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କୋଡିଙ୍ଗାରୁ ଚିହ୍ନଟ ୩୦ଜଣଙ୍କ ମଧ୍ୟରୁ ୨୯ ସୁସ୍ଥ ହୋଇ ସାରିଲେଣି। ଏବେ ଜଣେ ହିଁ ଚିକିତ୍ସିତ ହେଉଛନ୍ତି। କିନ୍ତୁ କୋଡିଙ୍ଗାରେ କଣ୍ଟେନ୍‌ମେଣ୍ଟ ବଳବତ୍ତର ରହିଛି। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ କୃଷି ସାମଗ୍ରୀ ଆଦିକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ତେଣୁ କଣ୍ଟେନ୍‌ମେଣ୍ଟ କଟକଣା କୋହଳ କରି ସାମାଜିକ ଦୂରତା ମଧ୍ୟରେ ଦୋକାନ ଖୋଲିବାକୁ ଗ୍ରାମବାସୀ ଓ କୋଡିଙ୍ଗା ବ୍ୟବସାୟୀ ସଂଘ ସଦସ୍ୟମାନେ ତହସିଲଦାର ଓ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ଜିଲାପାଳଙ୍କ ସହ ଆଲୋଚନା କରାଯାଇ ଆଗାମୀ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଓ ବିଡିଓ କହିଛନ୍ତି।

## ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

**ରାୟଗଡ଼ା ଅଫିସ,୮।୮:**

ରାୟଗଡ଼ା ଜିଲାରେ କରୋନା ପରିଚାଳନା କ୍ଷେତ୍ରରେ ଅବ୍ୟବସ୍ଥା ଏବଂ ଦୁର୍ନୀତି ହୋଇଥିବା ରାୟଗଡ଼ା ଯୁବ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ରାୟଗଡ଼ା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀଙ୍କୁ ଭେଟି ଘଟଣାର ତଦନ୍ତ ଦାବିକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୌରାଞ୍ଚଳର କେତେକ ୱାର୍ଡରେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ ମଧ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଉନାହିଁ। ଯଦ୍ୱାରା ସଂକ୍ରମିତ ବ୍ୟକ୍ତି ନିୟମ ଉଲ୍ଲଂଘନ କରି ବାହାରକୁ ଯିବା ଆସିବା କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି କଣ୍ଟେନମେଣ୍ଟ ଜୋନ୍ ପାଇଁ ସରକାରଙ୍କଠାରୁ ଆସୁଥିବା ଅର୍ଥରେ ଦୁର୍ନୀତି କରି ଅତି ନିମ୍ନମାନର ବାଉଁଶ ବ୍ୟାରିକେଡ୍ କରାଯାଉଛି। କୋଭିଡ୍ ହସପିଟାଲରେ ସଂକ୍ରମିତମାନଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ସଂକ୍ରମିତମାନେ ଅଭିଯୋଗ କରୁଥିବା ଯୁବଗୋଷ୍ଠୀ ଜଣାଇଛନ୍ତି। ଏହା ବ୍ୟତୀତ ପୌର ପରିଷଦ ଅଧୀନସ୍ଥ ୫ନଂ. ୱାର୍ଡ ମେଦିରି ସାହି ନାଳ ବର୍ଷେ ହେଲା ଭୁଶୁଡ଼ି ପଡ଼ିଛି। ଏହାର ମରାମତି ପାଇଁ ବାରମ୍ବାର ଦାବି କରାଯାଇଥିଲେ କୌଣସି ସୁଫଳ ମିଳିନାହିଁ। ତେଣୁ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଯୁବଗୋଷ୍ଠୀ ନିବେଦନ କରିଛନ୍ତି। ନଚେତ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ରାୟଗଡ଼ା ଯୁବ ସଙ୍ଗଠନର ସଦାଶିବ ତ୍ରିପାଠୀ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ଯୁବସଂଗଠନ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି ।

# କରୋନା ପରିଚାଳନାରେ ତ୍ରୁଟି ଅଭିଯୋଗ

**ନବରଙ୍ଗପୁର,୮।୮(ବି.ପ୍ର.)**



ଖବରଦାତା ସମ୍ମିଳନୀରେ ଭାଜପା ନେତା ଓ କର୍ମୀମାନେ।

ନେଇ ଭାଜପା ଅଭିଯୋଗ କରିଛି। ନବରଙ୍ଗପୁର ସ୍ଥିତ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଶନିବାର ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। କୋରାନା ପରିଚାଳନାରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ତ୍ରୁଟି ରହିଥିବା ଦଳ ଅଭିଯୋଗ କରିଛି। ସମସ୍ତ ସରକାରୀ ଦସ୍ତାବିଜ ଓଡିଆରେ ଲେଖିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିଲେ ମଧ ଜିଲାପାଳଙ୍କ କରୋନା ନିର୍ଦ୍ଦେଶନାମା ଇଂଲିଶରେ ରହୁଛି। ତାହାକୁ ଅନେକଲୋକ ବୁଝିପାରୁନାହାନ୍ତି ବୋଲି ଭାଜପା ଅଭିଯୋଗ ଆଣିଛି। ପ୍ରଶାସନ ଲକଡାଉନ ଓ ଶଟ୍‌ଡାଉନ ଆଗରୁ ମାଇକ ଯୋଗେ ଲୋକଙ୍କୁ ଅବଗତ କରାଉନି। କଣ୍ଟେନମେଣ୍ଟ ଜୋନରେ ସାନିଟାଇଜ ଓ କଣ୍ଟାକ୍ଟ ଟ୍ରେସିଂ ଠିକ୍ ଭାବେ ହେଉନି। ପ୍ରଶାସନର ଅବହେଳା ହେତୁ କଣ୍ଟାକ୍ଟ ଟ୍ରେସିଂରେ ନିଆଯାଉଥିବା ସ୍ୱାବ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେହି ଲୋକ ସଙ୍ଗରୋଧରେ ନ ରହି ବାହାରେ ବୁଲୁଥିବାରୁ ଲୋକ ଅଧିକ ଆକ୍ରାନ୍ତ ହେଉଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। ଜିଲାପାଳଙ୍କର ଭିଡିଓ ବାର୍ତ୍ତା, ଚିଠି ଓ କଣ୍ଟେନମେଣ୍ଟ ଜୋନରେ ବାଉଁଶ ବନ୍ଧାରେ ସମୟର ବ୍ୟବଧାନ ବହୁତ ରହୁଛି। କଣ୍ଟେନମେଣ୍ଟ ଜୋନ ଦାୟିତ୍ୱରେ ଥିବା ଅଫିସର ସେଠାକୁ ଯାଉନାହାନ୍ତି। ସେଠାରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ଔଷଧ ଯୋଗାଇରେ ପ୍ରଶାସନ ବିଫଳ ହୋଇଛି। ତେଣୁ ଲୋକେ ବାଧ ହୋଇ ବାଉଁଶ ଡେଇଁ ବାହାରକୁ ଯାଉଛନ୍ତି। ରାଜ୍ୟ ସରକାର କରୋନା ପାଇଁ ୧୯ ଶହକୋଟି ଖର୍ଚ୍ଚ କରିଥିବା କହୁଥିବାବେଳେ ନବରଙ୍ଗପୁର ପାଇଁ କେତେଟଙ୍କା ଆସିଛି ଓ କେଉଁ ବାବଦରେ କେତେ ଖର୍ଚ୍ଚ କରାଯାଇଛି ତାହା ଜିଲାବାସୀଙ୍କୁ ଜଣାଇବାକୁ ଦଳ ଦାବି କରିଛି। ସହରରେ ପେଟା ଟଙ୍କା କେତେ ଆସିଥିଲା ଓ ଏହି ଟଙ୍କା କିପରି ଖର୍ଚ୍ଚ ହୋଇଛି ସେ ନେଇ ଭାଜପା ପ୍ରଶ୍ନ କରିଛି।

### ଭାଜପାର ଖବରଦାତା ସମ୍ମିଳନୀ

ଲୋକଙ୍କୁ ଥଣ୍ଡାକାଶ ଓ ମ୍ୟାଲେରିଆ ଜ୍ୱର ହେଲେ ମଧ କରୋନା ଦର୍ଶାଇ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରେ ତିନି ଚାରିଦିନ ରଖି ଛାଡି ଦିଆଯାଉଛି। ପ୍ରବାସୀ ଶ୍ରମିକ କେତେ ଆସିଲେ ଓ କେତେ ଜଣଙ୍କୁ କାମ ଦିଆଗଲା ବୋଲି ଦଳ ପ୍ରଶ୍ନ ଉଠାଇଛି। ଜିଲାରେ ଡାକ୍ତର ଅଭାବ ଥିବାବେଳେ ଏଠାରୁ ୨୪ ଡାକ୍ତରଙ୍କୁ ଡାକ୍ତରଙ୍କୁ ଅନ୍ୟ ଜିଲାକୁ ପଠାଯାଇଛି। ବଦଳି ବାତିଲ ପାଇଁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନି ବୋଲି ଭାଜପା ପକ୍ଷରୁ କୁହାଯାଇଛି। ପ୍ଲାଜମା ଥେରାପି ପାଇଁ ମନ୍ତ୍ରୀ ଏଠାକୁ ଆସିଲେ। କେବେ ଏଠାରେ ପ୍ଲାଜମା ଥେରାପି ଓ ଉମରକୋଟରେ ରକ୍ତ ଭଣ୍ଡାର କାମ କେବେ ଆରମ୍ଭ ହେବ ବୋଲି ପ୍ରଶ୍ନ କରାଯାଇଛି। ରାଜ୍ୟର ସମସ୍ତ ରେଡ ଜୋନରେ ବାଣିଜ୍ୟିକ କାରବାର ରାତି ୮ରୁ ୯ଟା ଯାଏ ଚାଲିଛି। କିନ୍ତୁ ନବରଙ୍ଗପୁରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହା ପଛରେ କ'ଣ କାରଣ ତାହା ଭାଜପା ପ୍ରଶ୍ନ କରିଛି। ଜିଲାପାଳ ଏହାର ଉତ୍ତର ଦିଅନ୍ତୁ ବୋଲି ଭାଜପା ଦାବି କରିଛି। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ଜିଲା ଯୁବମୋର୍ଚ୍ଚା ସଭାପତି କାହ୍ନୁ ଦାସ, ଜିଲା ପଛୁଆବର୍ଗ ସଭାପତି ମନୋଜ ମହାଙ୍କୁଡ, ଯୁବନେତା ଅରୁଣ ପୂଜାରୀ ଓ ପିଣ୍ଟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

